## ମୃତ ଯୁବକଙ୍କ ପରିଚୟ ମିଳିଲା

ସାରସକଣା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଗଣ୍ଡିପାଣି ଗ୍ରାମରେ ନିର୍ମାଣାଧିନ ଏକଲବ୍ୟ ମଡେଲ ବିଦ୍ୟାଳୟ ପାଚେରି କଡ଼ରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଥିଲା। ସୋମବାର ତାଙ୍କ ପରିଚୟ ମିଳିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ବାହଡାଗୋଡ଼ା ଥାନା ରଘୁନାଥପୁର ଗ୍ରାମର ସତ୍ୟବାନ ନାଏକ(୪୫)। ତାଙ୍କ ସ୍ତ୍ରୀ ସୁବାସିନୀ ସୋମବାର ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ କହିଛନ୍ତି।



## ସଂକ୍ଷେପରେ

### ଅଟୋ ଓଲଟି ମହିଳା ମୃତ,୧୧ ଆହତ

ଠାକୁରମୁଣ୍ଡା,୧୭।୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ମାଛଗଡ଼- ଅସନବଣି ରାସ୍ତାର ସାରୁବିଲ ନିକଟରେ ସୋମବାର ରାତିରେ ଏକ ଅଟୋ ଓଲଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭରଙ୍କ ସମେତ ୧୧ଜଣ ଆହତ ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ଶରତ ଥାନା ଅନ୍ତର୍ଗତ ନୋଟ ଗ୍ରାମର ଅହଲ୍ୟା ମହାନ୍ତ(୨୩)। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଠାକୁରମୁଣ୍ଡା ଥାନା ପୋଲିସ ଦୁର୍ଘଟଣା ଗ୍ରସ୍ତ ଅଟୋକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସମସ୍ତ ଯାତ୍ରୀ ମାଛଗଡ଼ ନିକଟ ପଇତାମଜାଠାରେ ଟୁସୁ ମେଳା ଦେଖିବାକୁ ଯାଇ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ଅଗ୍ନିପିଡ଼ିତଙ୍କୁ ଯାଦବ ମହାସଭାର ସହାୟତା

ଭଣ୍ଡାରିପୋଖରୀ, ୧୭।୧ (ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଜଳମଣ୍ଡୁଆ ପଞ୍ଚାୟତ ଗୁଣୁପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୮ ବଖରା ଘର ଜଳିଯାଇଛି। ଯାଦବ ମହାସଭା ପକ୍ଷରୁ ଅଗ୍ନିପିଡ଼ିତଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ରାଜ୍ୟ ଯୁବ ଯାଦବ ସମ୍ପାଦକ ଅମର ନାୟକ, ଯୁବ ଯାଦବ ଜିଲା ସଭାପତି ରବି ନାରାୟଣ ଖିଲାର, ସମ୍ପାଦକ ସନ୍ତୋଷ ଦାସ, ଉପସଭାପତି ସାଧୁ ଚରଣ ବାରିକ, ନିରଞ୍ଜନ ବାରିକ, ଜଗନ୍ନାଥ ବେହେରା, ସମିତିସଭ୍ୟ ଜଗତ ଜୀବନ ବାରିକ, ଖବରଦାତା ଜଗନ୍ନାଥ ନାୟକ ପ୍ରମୁଖ ପହଞ୍ଚି କମ୍ବଳ, ଲୁଗା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି।

### ସ୍କୁଟି-ବୁଲେଟ୍ ଧକ୍କା: ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

ପାଟଣା,୧୭।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା-ଚମ୍ପୁଆ କେଟିରୋଡ୍‌ର ବୁଢ଼ିକାପୁଡ଼ି ନିକଟରେ ସୋମବାର ସନ୍ଧ୍ୟାରେ ବୁଲେଟ୍ ଓ ସ୍କୁଟି ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ମଙ୍ଗଳବାର ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବାରିଆ ଥାନା କଙ୍କଡ଼ା ଗ୍ରାମର ଅନାମ ନାଏକଙ୍କ ପୁଅ ବାବୁଲା (୨୫)। ସୂଚନାଯୋଗ୍ୟ ଯେ, ସୋମବାର ସନ୍ଧ୍ୟାରେ କଙ୍କଡ଼ା ଗ୍ରାମର ବାବୁଲା ନାଏକ ଏବଂ ଶଙ୍କର ମହାନ୍ତ ବୁଲେଟ ଯୋଗେ ତୁରୁମୁଙ୍ଗାରୁ କଙ୍କଡ଼ା ଆଡକୁ ଯାଉଥିଲେ। ବିପରୀତ ଦିଗରୁ କଙ୍କଡ଼ା ମକରଯାତ୍ରା ବୁଲି ପାଟଣା ବ୍ଲକ ବୁଢ଼ିକାପୁଡ଼ି ପଞ୍ଚାୟତ ତେନ୍ତେଲା ଗ୍ରାମର କାର୍ତ୍ତିକା ମହାରଣା ଏବଂ ସନ୍ତୋଷ କାରୁଆ ସ୍କୁଟି ଯୋଗେ ଫେରୁଥିଲେ। ଏହି ସମୟରେ ବୁଢ଼ିକାପୁଡ଼ି ନିକଟରେ ଉଭୟ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ କାର୍ତ୍ତିକା ମହାରଣାଙ୍କ ମୃତ୍ୟୁ ହୋଇଥିବା ବେଳେ ସନ୍ତୋଷଙ୍କ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

### ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧରଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ବାହାନଗା, ୧୭।୧(ଡ.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ବିଦ୍ୟାଧର ରଥଙ୍କ ବିୟୋଗ ପରିପ୍ରେକ୍ଷୀରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର, ଅଞ୍ଚଳବାସୀ ଓ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ସଭା ସମେତ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ତାଙ୍କ ଅଧାପନା ଜୀବନର ୪୦ବର୍ଷର ଶିକ୍ଷାଦାନ ପ୍ରଣାଳୀର ଛାତ୍ରବତ୍ସଳତା, ଚିତ୍ରାଙ୍କନରେ ପାରଦର୍ଶିତା, ଅଭିନୟରେ ନିପୁଣତା, ମଣିଭଦ୍ର ଉଚ୍ଚବିଦ୍ୟାଳୟ ଏବଂ ଗୋପାଳପୁର ମହାବିଦ୍ୟାଳୟ ସ୍ଥାପନରେ ସହଯୋଗ ସମ୍ପର୍କରେ ଆବେଗପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ତାଙ୍କର ସାହିତ୍ୟ କୃତି ଉପରେ ଆଲୋକପାତ କରାଯାଇଥିଲା। ମଣିଭଦ୍ର ମଧ୍ୟଇଂରାଜୀ ବିଦ୍ୟାଳୟର ପଞ୍ଚସଖାଙ୍କ ମଧ୍ୟରୁ ଶେଷ ସଖାଙ୍କର ଏହି ଶ୍ରଦ୍ଧାଞ୍ଜଳି ସଭାରେ ବାଲେଶ୍ୱର ଜିଲାର ପୂର୍ବତନ ଜିଲାପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ ଅଧକ୍ଷତା କରିଥିଲେ। ଏଥିରେ ଗୌରହରି ଦାସ, ରବୀନ୍ଦ୍ର ମିଶ୍ର, ଦିବାକର ସାହୁ, ସତ୍ୟମଞ୍ଜରୀ ଦାଶ, ପୂର୍ଣ୍ଣଚନ୍ଦ୍ର ଦାଶ, ଅନାଦି ଚରଣ ଦାସ, ଭାଗିରଥି ପାତ୍ର, ରତିକାନ୍ତ ମିଶ୍ର, ଲକ୍ଷ୍ମଣ ସେନାପତି, କମଳାକାନ୍ତ ନାୟକ, ଜନ୍ମେଜୟ ମଲିକ, ଭଗବାନ ଚନ୍ଦ୍ର ଦାସ, ଅଭିରାମ ସାହୁ ପ୍ରମୁଖ ଅଞ୍ଚଳବାସୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ସ୍ୱର୍ଗତ ସାର୍‌ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୁଦର୍ଶନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବାରିପଦା-ପୁରୀ ଟ୍ରେନ୍ ରହଣି ଦାବି ତେଜିଲା

ବୈଶିଙ୍ଗା,୧୭।୧(ଡି.ଏନ.ଏ.)



ଯୁଗପୁରା ରେଳ ଷ୍ଟେଶନ।

ମୟୂରଭଞ୍ଜ ଜିଲା ବୈଶିଙ୍ଗା ନିକଟସ୍ଥ ଯୁଗପୁରା ରେଳ ଷ୍ଟେଶନଠାରେ ବାରିପଦା-ପୁରୀ ସାପ୍ତାହିକ ଟ୍ରେନର ଷ୍ଟପେଜ ନ ଥିବା ଯୋଗୁ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ଜାନୁୟାରୀ ୧୩ରେ ଏହି ରେଳ ସେବା ଶୁଭାରମ୍ଭ ହୋଇଥିଲା। ଏହି ରେଳ ସେବା ପାଇବା ପାଇଁ ଜିଲାବାସୀଙ୍କୁ ଦୀର୍ଘ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ତେବେ ପରବର୍ତ୍ତୀ ସମୟରେ ଯାତ୍ରୀ ଭିଡ଼କୁ ଲକ୍ଷ୍ୟ କରି ରେଳବାଇ ପକ୍ଷରୁ ଆଉ ଏକ ଟ୍ରେନ ଚଳାଚଳ ପାଇଁ ସ୍ଥିର ହୋଇଥିଲା। ଏହି ନୂତନ ଟ୍ରେନ ପ୍ରତ୍ୟେକ ଶନିବାର ଭଞ୍ଜପୁର ଷ୍ଟେଶନରୁ ଯାତ୍ରା ଆରମ୍ଭ କରି ରବିବାର ସକାଳ ୬ଟାରେ ପୁରୀରେ ପହଞ୍ଚୁଛି। ଏଥିପାଇଁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ମୟୂରଭଞ୍ଜ ଏମ୍‌ପି ତଥା କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ଜିଲାବାସୀ ଧନ୍ୟବାଦ ଅର୍ପଣ କରିଛନ୍ତି।

ତେବେ ଏହି ରେଳ ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗପୁରା ଷ୍ଟେଶନଠାରେ ରହୁ ନ ଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରୁଟ୍‌ରେ ଚଳାଚଳ କରୁଥିବା ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ, ଭଞ୍ଜପୁର- ସାଲିମାର୍ ସୁପରଫାଷ୍ଟ ସମେତ ସମସ୍ତ ମେମୁ ଓ ଡିଏମ୍ୟୁ ଟ୍ରେନର ଯୁଗପୁରାଠାରେ ଷ୍ଟପେଜ ଥିବା ବେଳେ ଏକ ମାତ୍ର ଏହି ପୁରୀ ଟ୍ରେନ୍ ଅଟକୁ ନାହିଁ। କଟକ, ଭୁବନେଶ୍ୱର କିମ୍ବା ଶ୍ରୀକ୍ଷେତ୍ର ପୁରୀ ତୀର୍ଥ ଯାତ୍ରା କରୁଥିବା ଶ୍ରଦ୍ଧାଳୁମାନଙ୍କୁ ରୂପ୍‌ସା ଷ୍ଟେଶନରେ ରାତି ଗୋଟାଏ ସମୟରେ ଏହି ଟ୍ରେନ ଧରିବାକୁ ପଡୁଛି। କାରଣ ଯୁଗପୁରାର ପୂର୍ବବର୍ତ୍ତୀ ଯୁଗଲ ଓ ପରବର୍ତ୍ତୀ ଠାକୁରତୋଟା ଷ୍ଟେଶନରେ ମଧ୍ୟ ଏହି ରେଳ ରହି ନ ଥାଏ। ଯୁଗପୁରା ଷ୍ଟେଶନ ସୁରକ୍ଷା କମିଟି ଏବଂ ଯୁଗଶ୍ରୀ କୃଷକ ବନ୍ଧୁ କ୍ଲବ ପକ୍ଷରୁ ଅଶ୍ୱିନୀ ମହାରଣା, ମହେଶ ଚନ୍ଦ୍ର ମହାପାତ୍ର, ଚନ୍ଦ୍ରଶେଖର ମହାପାତ୍ର, ମହେଶ୍ୱର ମହାପାତ୍ର, ଗୌତମ ପ୍ରଧାନ, ଭୋଳାନାଥ ନାୟକ, ଅଜିତ ପତି, ଲକ୍ଷ୍ମୀଧର ଦଣ୍ଡପାଟ, ଗିରୀଶ ରାଉତ, ଅଜୟ ଦାସ ପ୍ରମୁଖ ରେଳମନ୍ତ୍ରୀ ଏବଂ ଖଡ଼ଗପୁରସ୍ଥିତ ଡିଆର୍‌ଏମ୍‌ଙ୍କ ନିକଟକୁ ଦାବିପତ୍ର ପଠାଇଛନ୍ତି। ଆସନ୍ତା ସପ୍ତାହର ଗୁରୁବାର ଓ ଶନିବାର ଏହି ପୁରୀ ଟ୍ରେନର ଯୁଗପୁରା ଷ୍ଟେଶନଠାରେ ନ ଅଟିକିଲେ ରେଳରୋକୋ ସହିତ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ପଚାରିବାରୁ ସେ ଅନୁଧ୍ୟାନ କରୁଛନ୍ତି ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଆନ୍ଦୋଳନ ଚେତାବନୀ

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା


ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ।

ବାଲେଶ୍ୱର ଅଫିସ, ୧୭।୧

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ବିଂଶତମ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରୀଛାତ୍ର ଉଭୟ ମହିଳା ଓ ପୁରୁଷ ବର୍ଗର ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ହାଇଜମ୍ପ, ଲଙ୍ଗ ଜମ୍ପ, ଦୌଡ଼, ସଟ୍ ପୁଟ୍, ଡିସ୍‌କସ୍ ଥ୍ରୋ ଆଦି ଆଉଟ୍ ଡୋର୍ ଖେଳ ଅନୁଷ୍ଠିତ ହୋଇଥିବା ବେଳେ କୃତି ଖେଳାଳୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ଲଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ତଥା କ୍ରୀଡ଼ା ପରିଷଦ ସଭାପତି ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଯୋଗଦେଇ ସାମାଜିକ ଜୀବନରେ ଶିକ୍ଷା ପରି କ୍ରୀଡ଼ା ମଧ୍ୟ ଜୀବନ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଉଚ୍ଚକୋଟୀର କ୍ରୀଡ଼ା କୌଶଳ ପ୍ରଦର୍ଶନ କ୍ରୀଡ଼ା ପ୍ରତି ଚରମ ନିଷ୍ଠା ଓ ନିରନ୍ତର ଅଭ୍ୟାସ ଉପରେ ନିର୍ଭର କରେ। କ୍ରୀଡ଼ା ଖେଳାଳୀଙ୍କୁ ସାମାଜିକ ପ୍ରତିଷ୍ଠା କେବଳ ଦିଏ ନାହିଁ ଜଣେ ଭଲ ମଣିଷ ଓ ଉତ୍ତମ ନାଗରିକ ହେବାର ସୁଯୋଗ ମଧ୍ୟ ଯୋଗାଇଥାଏ ବୋଲି କହିଥିଲେ। ଉପ-ସଭାପତି ଡ. ସଚ୍ଚିଦାନନ୍ଦ ଶା, ଡ. ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରୀଡ଼ା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଯୋଗଦାନକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ନୂତନ ପ୍ରତିଭାମାନଙ୍କୁ ଖୋଜି ବାହାର କରିବାର ପ୍ରୟାସ କରିଆସିଛି ଓ ଅନେକ କ୍ଷେତ୍ରରେ ସଫଳ ହୋଇପାରିଛି। ବିଶ୍ୱବିଦ୍ୟାଳୟ ସ୍ତରରେ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ କ୍ରୀଡ଼ା କ୍ଷେତ୍ରରେ ଏକ ମାନଦଣ୍ଡ ରୂପେ ସହାୟକ ହୋଇପାରିବ ବୋଲି ମତ ଦେଇଥିଲେ।

# 'ଦୁର୍ଘଟଣା ନୁହେଁ, ହତ୍ୟା କରାଯାଇଛି'

### ସାମାଜିକ କର୍ମୀ ନୈନା ସାହୁ ମୃତ୍ୟୁ ଘଟଣା

- ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ମା'ବାପା

କେନ୍ଦୁଝର,୧୭।୧(ସ୍ୱ.ପ୍ର.)


ଏସ୍‌ପିଙ୍କ ଅଫିସ ସମ୍ମୁଖରେ ନୈନାଙ୍କ ମା' ବାପା।

କେନ୍ଦୁଝରର ସାମାଜିକ କର୍ମୀ ରୋଜାଲିନ ସାହୁ (ନୈନା)ଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ନୁହେଁ। ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନୈନାଙ୍କ ମା' ବାପା ମଙ୍ଗଳବାର ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଗାଁ ଥାନାରେ ଏନେଇ ଅଭିଯୋଗ କରିବା ପରେ ପୋଲିସ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଥିବାରୁ ନ୍ୟାୟ ପାଇଁ ସେମାନେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ମୃତ ନୈନାଙ୍କ ମା' ରେବତୀ ସାହୁ ଓ ବାପା ସନାତନ ସାହୁ କହିଛନ୍ତି।

ପ୍ରକାଶ ଯେ, ଗତ ଡିସେମ୍ବର ୧୧ରେ ଘଟଗାଁ ଥାନା ବାଇପାସ୍ ରାସ୍ତାରେ ବାଇକ୍ ଦୁର୍ଘଟଣାରେ ନୈନା ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ୨୮ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଗାଁ ପୋଲିସ ଚଳିତମାସ ୨ ତାରିଖରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧/୨୦୨୩) ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଦଫା ୪୧ରେ ପୋଲିସ ନୋଟିସ କରି ଛାଡ଼ି ଦେଇଥିଲା। ଘଟଣା ଦିନ ସ୍କର୍ପିଓରେ ଝିଅକୁ ଡାକି ନେଇଥିବା ବେଳେ କିପରି ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଲା, ତାହାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନ ଥିଲେ। ଏଣୁ ଗତ ୧୧ ତାରିଖରେ ନୈନାଙ୍କ ମା' ବାପା ଘଟଗାଁ ଥାନାରେ ଆଉ ଏକ ଅଭିଯୋଗ ଦେଇ ତଦନ୍ତ ଦାବି କରିଥିଲେ। ସେହିପରି ଦୁର୍ଘଟଣା ଅପରାହ୍ନ ୨ଟା ୩୦ରେ ହୋଇଥିବା ବେଳେ ପରିବାର ଲୋକଙ୍କୁ ବିଳମ୍ବରେ ସନ୍ଧ୍ୟା ୬ଟା ୩୦ରେ ଫୋନ୍ ଯୋଗେ ଜଣାଇବା, ସ୍କର୍ପିଓ ବଦଳରେ ବାଇକ୍ ଦୁର୍ଘଟଣା ହୋଇଥିବା କହିବା, ଜବତ ବାଇକ୍ ସେଭଳି ଭଙ୍ଗାରୁଜା ହୋଇ ନ ଥିବା ଏବଂ ଘଟଣାସ୍ଥଳରେ ଉକ୍ତ ଦିନ କୌଣସି ଦୁର୍ଘଟଣା ଘଟି ନ ଥିବା ସ୍ଥାନୀୟ ଲୋକେ ସୂଚନା ଦେବା ଆଦି ଘଟଣା ସନ୍ଦେହପୂର୍ଣ୍ଣ ରହିଛି। ଏହାବ୍ୟତୀତ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ବେଳେ ସେଠାରେ ଦେଖାରଖା କରୁଥିବା କେତେକ ସାମାଜିକ କର୍ମୀ ଅବହେଳା କରିଥିବା ଏବଂ ମୃତଦେହ ବ୍ୟବଚ୍ଛେଦ ଠିକ୍ ଭାବେ ହୋଇ ନ ଥିବା ନୈନାଙ୍କ ମା' ବାପା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଜଣେ ମହିଳା ଡିଏସ୍‌ପିଙ୍କୁ ତଦନ୍ତ ଭାର ଦିଆଯାଇଥିବା ଏସ୍‌ପି କହିଛନ୍ତି। ତେବେ ଘଟଣା ପଛରେ ଚମ୍ପୁଆ ନିର୍ବାଚନମଣ୍ଡଳୀର ଭାଜପାର ଜଣେ ବରିଷ୍ଠ ପ୍ରଭାବଶାଳୀ ଓ ଧନଶାଳୀ ନେତାଙ୍କ ସମ୍ପୃକ୍ତି ଥିବାରୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ମୃତ ନୈନାଙ୍କ ମା'ବାପାଙ୍କ ସମେତ ସାମାଜିକ କର୍ମୀ ଦିଲୀପ କୁମାର ସାହୁ କହିଛନ୍ତି। ନ୍ୟାୟ ନ ମିଳିଲେ ଅନଶନ ଧର୍ମଘଟ କରିବେ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଆକାଶବାଣୀ କେନ୍ଦୁଝର କେନ୍ଦ୍ରରେ ନୂତନ କାର୍ଯ୍ୟକ୍ରମ ମୁଖ୍ୟ


ଆତ୍ମେଶ୍ୱର ଝା

କେନ୍ଦୁଝର,୧୭।୧(ଡି.ଏନ୍.ଏ.)

ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ନୂତନ କାର୍ଯ୍ୟକ୍ରମ ମୁଖ୍ୟ ଭାବେ ଆତ୍ମେଶ୍ୱର ଝା ଯୋଗ ଦେଇଛନ୍ତି। ଏହି କେନ୍ଦ୍ରରେ କାର୍ଯ୍ୟକ୍ରମ ମୁଖ୍ୟ ଥିବା ଅସଦ ଦାଉଦଙ୍କର ବିହାରର ଦରଭଙ୍ଗା ବେତାର କେନ୍ଦ୍ରକୁ ବଦଳି ହେବା ପରେ ଝା ଏଠାରେ ନୂତନ କାର୍ଯ୍ୟକ୍ରମ ମୁଖ୍ୟ ଭାବେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଚାଇଁବସା, ରାଞ୍ଚି ଓ ଆକାଶବାଣୀ ଦୌଲତଗଞ୍ଜ କେନ୍ଦ୍ରରେ କାର୍ଯ୍ୟ କରିବା ସହ ଆକାଶବାଣୀ ଜାମସେଦପୁର କେନ୍ଦ୍ରରେ କାର୍ଯ୍ୟକ୍ରମ ମୁଖ୍ୟ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ମୈଥିଳି ଭାଷାର କ୍ଷୁଦ୍ରଗଳ୍ପ ରଚନାରେ ସେ ପ୍ରସିଦ୍ଧି ହାସଲ କରିବା ସହ ମୈଥିଳି ଗଳ୍ପ ସଂଗ୍ରହର ସମ୍ପାଦକ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ସେ ଦାୟିତ୍ୱ ନେବା ପରେ ତାଙ୍କୁ କେନ୍ଦ୍ରର କର୍ମଚାରୀ, ଯନ୍ତ୍ରୀ ଓ ଉପସ୍ଥାପକ, ଉପସ୍ଥାପିକା, ଘୋଷିକା, ଘୋଷକମାନେ ସ୍ୱାଗତ ଜଣାଇଥିଲେ।

# ରୋଜଗାର ବାଟ ବନ୍ଦ, ଚିକିତ୍ସା ଲାଗି ଅର୍ଥ ନାହିଁ

- ସହାୟତା ନିବେଦନ କଲେ କଣ୍ଠଶିଳ୍ପୀ
- ଦିନ ଥିଲା ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖୁଥିଲେ


ଅକ୍ଷୟ ପାତ୍ର

ଭଦ୍ରକ ଅଫିସ,୧୭।୧

ଦିନ ଥିଲା ସେ ତାଙ୍କ କଣ୍ଠର ଯାଦୁରେ ସମସ୍ତଙ୍କ ମନ ମୋହୁଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଷ୍ଟେଜ୍‌ରେ ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖୁଥିଲେ ଭଦ୍ରକ ବାଇପାସ୍ ସାଇବିହାର ଜଗନ୍ନାଥ ମନ୍ଦିର ନିକଟରେ ବସବାସ କରୁଥିବା ଆନନ୍ଦ ପାତ୍ରଙ୍କ ପୁଅ ଅକ୍ଷୟ (୩୮)। ଗୀତ ଗାଇବା ତାଙ୍କର ନିଶା ହୋଇଥିଲେ ହେଁ ପରିବାର ଚଳାଇବା ପାଇଁ ରୋଜଗାର ପନ୍ଥା ମଧ୍ୟ ଥିଲା। ହେଲେ ରୋଗ ତାଙ୍କୁ ଆଉ ଗୀତ ଗାଇବାକୁ ଦେଲାନି। ସେ ଏବେ ଫୁସ୍‌ଫୁସ୍ ସଂକ୍ରମଣ ରୋଗରେ ପୀଡ଼ିତ ଯୋଗୁ ଗୀତ ଗାଇପାରୁ ନାହାନ୍ତି। ରୋଜଗାର ବାଟ ବନ୍ଦ ହୋଇଯାଇଥିବା ବେଳେ ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି।

ସ୍ତ୍ରୀ ଓ ୩ ଝିଅଙ୍କୁ ନେଇ ତାଙ୍କର ପରିବାର। ସେ ଜଣେ କଣ୍ଠଶିଳ୍ପୀ ସହ ପାନ, ଚା' ଦୋକାନ କରି ଜୀବିକା ନିର୍ବାହ କରିଆସୁଥିଲେ। ୩ ବର୍ଷ ହେଲା ସେ ଏହି ରୋଗରେ ପୀଡ଼ିତ। ଡାକ୍ତର ଗୀତ ନ ଗାଇବାକୁ ପରାମର୍ଶ ଦେବା ପରେ ତାଙ୍କ ଗୁଜୁରାଣ ମେଣ୍ଟାଇବାର ବାଟ ବନ୍ଦ ହୋଇଯାଇଛି। ତା' ସାଙ୍ଗକୁ ତାଙ୍କ ପାନ ଦୋକାନରେ ମଧ୍ୟ ତାଲା ପଡ଼ିଛି। ଚିକିତ୍ସା ପାଇଁ ବାରମ୍ବାର କଟକ, ଭୁବନେଶ୍ୱର ଯାଇ ତାଙ୍କର ସମସ୍ତ ସମ୍ବଳ ଶେଷ ହୋଇଯାଇଛି। ସହକର୍ମୀମାନଙ୍କ ଆର୍ଥିକ ସହଯୋଗରେ ସେ ଚିକିତ୍ସିତ ହେଉଥିବା ବେଳେ ପରିବାର ଚଳାଇବା ଓ ନିଜର ଚିକିତ୍ସା କରାଇବା ତାଙ୍କ ପାଇଁ ବଡ଼ ସମସ୍ୟା ହେଉଛି। ଏ ବାବଦରେ ଜାଣିବା ପରେ ଜିଲାପାଳ ତାଙ୍କୁ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଚିକିତ୍ସା ଓ ପରିବାର ପ୍ରତିପୋଷଣ ଲାଗି ଅର୍ଥର ଘୋର ଅଭାବ ଲାଗି ରହିଥିବାରୁ ସହଯୋଗ ପାଇଁ ଅକ୍ଷୟ ନିବେଦନ କରିଛନ୍ତି।

# ହତ୍ୟାକାରୀଙ୍କୁ ଆଜୀବନ ଜେଲ

ରାଇରଙ୍ଗପୁର,୧୭।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରା ଜଜଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ ଦୀପକ କୁମାର ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଡିସେମ୍ବର ୧୨ରେ ବାଦାମପାହାଡ଼ ଥାନା ଅଧୀନ ବାରସାଘୁଟୁ ଗ୍ରାମର ନାବାଳକ ଦଶରଥ ହେମ୍ବ୍ରମ(୮) ଛେଳି ଚରାଇବାକୁ ଯାଇଥିବା ବେଳେ ସେହି ଗ୍ରାମର ଲାଲମୋହନ ତିରିଆଙ୍କ ବାଡ଼ିରେ ପଶି ଛେଳି ଫସଲ ନଷ୍ଟ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଲାଲମୋହନ ପ୍ରଥମେ ଏକ ଠେଙ୍ଗାରେ ଦଶରଥଙ୍କୁ ପିଟିଥିଲେ। ଦଶରଥ ଦୌଡ଼ି ପଳାଇ ଯାଉଥିବା ବେଳେ ଲାଲମୋହନ ପଥର ପିଙ୍ଗି ତାଙ୍କୁ ହତ୍ୟା କରିଥିଲେ। ପରେ ଦଶରଥଙ୍କ ମୃତଦେହକୁ ସେ ନିକଟସ୍ଥ ଏକ ବୁଦାମୂଳେ ଲୁଚାଇ ଦେଇଥିଲେ। ଦଶରଥ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଦୁଇଦିନ ପରେ ବୁଦାମୂଳେ ତାଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଏନେଇ ଦଶରଥଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ ଚଳାଇ ହତ୍ୟାକାରୀ ଲାଲମୋହନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

## ଯୁବକଙ୍କ ମୃତଦେହ ଜବତ

ବୈଶିଙ୍ଗା,୧୭।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମ ନିକଟସ୍ଥ ଆକାଶିଆ ଜଙ୍ଗଲରୁ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସାଇଣ୍ଟିଫିକ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ମୃତକ ହେଲେ ହରିବଲ୍ଲଭପୁର ଗ୍ରାମର ଜଟିଆ ସିଂ (୩୫)। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୩) ରୁଜୁ ହୋଇଛି।

## ନବଜୀବନ ଫାଉଣ୍ଡେଶନର ବାର୍ଷିକୋତ୍ସବ

ଭଦ୍ରକ ଅଫିସ, ୧୭।୧

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ କୁଚିଳା ନାୟକାଣୀ ପୀଠଠାରେ ନବଜୀବନ ଫାଉଣ୍ଡେଶନର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ମାନସ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧାପକ ନିକୁଞ୍ଜ କିଶୋର ଜେନା ଯୋଗ ଦେଇଥିଲେ। ଖବରଦାତା ସନ୍ତୋଷ ଦାସ, ବିବେକାନନ୍ଦ ମିଶ୍ର, ବିନୋଦ ବିହାରୀ ଜେନା, ସୌମ୍ୟ ରଞ୍ଜନ ରାଉତ, ଚିତ୍ରଭାନୁ ଦାସ, ମୃତ୍ୟୁଞ୍ଜୟ ସାହୁ, ପ୍ରଭାତ ରଞ୍ଜନ ପଣ୍ଡା, ସାମାଜିକ କର୍ମୀ ବିଦ୍ୟାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା


ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି।

ବାଲେଶ୍ୱର ଅଫିସ,୧୭।୧

ବାଲେଶ୍ୱର ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ସଡ଼କ ସୁରକ୍ଷା ସମିତିର ମିଳିତ ସହଯୋଗରେ ପାଳିତ ହେଉଥିବା ସଡ଼କ ସୁରକ୍ଷା ସପ୍ତାହର ଶେଷ ଦିନରେ ମଙ୍ଗଳବାର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସହରର ଗାନ୍ଧୀ ସ୍ମୃତି ଭବନ ପରିସରରୁ ଏହି ଶୋଭାଯାତ୍ରା ବାହାରିଥିଲା।

ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରି ଟ୍ରାଫିକ ନିୟମ ମାନିବା ପାଇଁ ଯେତେ ବାଧ୍ୟ କଲେ ମଧ୍ୟ ଗାଡ଼ିଚାଳକ ନିଜର ତଥା ନିଜ ପରିବାରର ସୁରକ୍ଷା ପାଇଁ ସଚେତନ ହେଲେ ହିଁ ସଡ଼କ ସୁରକ୍ଷା ମହତ୍ତ୍ୱରେ ସାର୍ଥକତା ରହିବ ବୋଲି କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ ପାଣିଗ୍ରାହୀ ଯୋଗଦେଇ ସଡ଼କ ସୁରକ୍ଷା ନିମନ୍ତେ ବାଧ୍ୟତାମୂଳକ ନିୟମ ଲାଗୁ କରିବା ଅପେକ୍ଷା କେବଳ ଜନସଚେତନତା ଦ୍ୱାରା ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା ସଡ଼କ ସୁରକ୍ଷା ସପ୍ତାହ ପାଳନର ଆଭିମୁଖ୍ୟ ଏବଂ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏମ୍‌ଭିଆଇ ସ୍ୱହା ହେମ୍ବ୍ରମ, ଜିଲା ସଡ଼କ ସୁରକ୍ଷା ସମିତିର ସଦସ୍ୟ ବିପ୍ଳବ କୁମାର ମହାନ୍ତି, ଟ୍ରାଫିକ ଥାନାଧିକାରିଣୀ ପ୍ରଜ୍ଞା ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖଙ୍କ ସମେତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବହୁ କର୍ମଚାରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ପାଣି ନ ପଡ଼ିଲେ ଧୂଳି, ପାଣି ପଡ଼ିଲେ ଦୁର୍ଘଟଣା

### ବିଳମ୍ବ ହେଉଛି ଫ୍ଲାଏଓଭର କାର୍ଯ୍ୟ

ଯୋଡା,୧୭।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହର ମଧ୍ୟ ଦେଇ ରାଜ୍ୟ ରାଜପଥ ନଂ.୨ରେ ନିର୍ମାଣାଧୀନ ଫ୍ଲାଏ ଓଭର କାର୍ଯ୍ୟ ଚାଲିଛି। ତେବେ ସହରରେ ଥିବା ସର୍ଭିସ ରୋଡ୍‌ଗୁଡ଼ିକ ଠିକ୍ ଭାବେ ନିର୍ମାଣ ହେଉ ନ ଥିବା ଏବଂ ରାସ୍ତା ନିର୍ମାଣରେ ବିଳମ୍ବ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ତେଣେ ଆଂଶିକ ନିର୍ମାଣାଧୀନ ରାସ୍ତାରେ ପିଚୁ ନ ପକାଯାଇ ମାଟି ପକାଯାଉଥିବାରୁ ଧୂଳି ଉଡ଼ି ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି । ଏପରି ସମସ୍ୟା ହୋଇଛି ଯେ,ଧୂଳି ଧୂଆଁରେ ସମ୍ମୁଖ ଗାଡ଼ି ଦେଖା ଯାଉନାହିଁ ବୋଲି ଏମ ଡି ଜସିମ, ଧ୍ରୁବ ଆପଟ, ଦୈତାରି ମହାନ୍ତ ପ୍ରମୁଖ ବାଇକ୍ ଆରୋହୀ କହିଛନ୍ତି। ତେଣେ ଧୂଳି ଉଡ଼ିବା ପ୍ରତିବାଦରେ ବସ୍ତି ବାସିନ୍ଦାମାନେ ରାସ୍ତା ବନ୍ଦ କଲେ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ରାସ୍ତାରେ ଜଳ ସିଞ୍ଚନ କରାଯାଉଛି। ଏହାଦ୍ୱାରା ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅ ପଚପଚ ହୋଇ ଯାତାୟାତ ଅନୁପଯୋଗୀ ହୋଇ ପଡୁଛି। ରାସ୍ତା ନିର୍ମାଣରେ ବିଳମ୍ବ ହେତୁ ମହାବୀର ଛକଠାରୁ ସରକାରୀ ଡାକ୍ତରଖନା ପର୍ଯ୍ୟନ୍ତ ରାସ୍ତାଟି ଏହିପରି ଅବସ୍ଥା ହେଉଛି । ଏ ସମ୍ପର୍କରେ ରାସ୍ତା ନିର୍ମାଣକାରୀ ସଂସ୍ଥାର ମାନବ ସମ୍ବଳ ଅଧିକାରୀ ଭାଗିରଥି ପଣ୍ଡାଙ୍କୁ ପଚାରିବାରୁ ଉଭୟ ଫ୍ଲାଏ ଓଭର ଓ ସର୍ଭିସ ରୋଡ୍‌କୁ ସେପ୍ଟେମ୍ବର ମାସ ୩୦ ସୁଦ୍ଧା ଶେଷ କରାଯିବାର ସମୟ ଅବଧି ଥିଲା। ମାତ୍ର କେତେକ ସମସ୍ୟା ହେତୁ ତାହା ପ୍ରାୟ ଡିସେମ୍ବର ମାସ ପର୍ଯ୍ୟନ୍ତ ସମୟ ଲାଗିଯିବ। ସରକାରୀ ଡାକ୍ତରଖାନା ନିକଟରେ ଜଣେ ବ୍ୟକ୍ତିଙ୍କ ବିଲ୍ଡିଂରୁ ଅନବରତ ପାଣି ନିଷ୍କାସନ ହୋଇ ରାସ୍ତାରେ ପଡୁଛି। ଯାହାଦାରା ଉକ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ହିଁ ରାସ୍ତା ପିଚ୍ଛିଳ ହୋଇ ବାଇକ୍ ଆରୋହୀମାନେ ପଡୁଥିବା କହିଛନ୍ତି। ଏ ନେଇ ସଂସ୍ଥା ପକ୍ଷରୁ ଯୋଡ଼ା ପୌରପାଳିକା ଅଧ୍ୟକ୍ଷଙ୍କୁ ମଧ୍ୟ ଅବଗତ କରାଯାଇଥିବା ସେ ପ୍ରକାଶ କରିଛନ୍ତି।


ଶୋଚନୀୟ ହୋଇ ପଡ଼ିଥିବା ରାସ୍ତା।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧୮ ଜାନୁୟାରୀ, ୨୦୨୩

**ଗଡ଼ିଆରେ ପଡ଼ି ଶିଶୁକନ୍ୟା ମୃତ**

**କପ୍ତିପଦା,(ଡି.ଏନ.ଏ.):** କପ୍ତିପଦା ଥାନା ଅଧୀନ ଶାଳଚୁଆ ପଞ୍ଚାୟତ ଗେଣ୍ଡାଗଡ଼ିଆ କଲୋନୀସାହି ଗ୍ରାମର ଏକ ଗଡ଼ିଆରେ ପଡ଼ି ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବଳ ଦେହୁରୀଙ୍କ ଦେଢବର୍ଷର ଝିଅ ବର୍ଷା। ମା' ଘରକାମ କରୁଥିବାବେଳେ ବର୍ଷା ଘର ଆଗରେ ଖେଳୁଥିଲେ। ପରେ ସେ ଗଡ଼ିଆରେ ପଡିଯାଇଥିବା ଜଣାପଡ଼ିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨/୨୩) ରୁଜୁ ହୋଇଛି।



## ସଂକ୍ଷେପରେ

### ହାତୀ ଆକ୍ରମଣରେ ୨ ମୃତ

**ବାରିପଦା ଅଫିସ,୧୭।୧:** ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଦେଉଳି ରେଞ୍ଜ ଅନ୍ତର୍ଗତ ସାଲସାହି ଗ୍ରାମରେ ସୋମବାର ରାତିରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ରାମ ଭକ୍ତା ଓ ତାଙ୍କ ସମୁଦୁଣୀ ପାର ଭକ୍ତା। ସୂଚନାଯୋଗ୍ୟ, ସୋମବାର ରାତିରେ ଘର ବାରଣ୍ଡାରେ ବସି ଖାଉଥିବା ସମୟରେ ୩ ଟିକିଆ ହାତୀ ପଲ ହଠାତ୍ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ବନ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ରାମଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳୁ ତାଙ୍କ ସମୁଦୁଣି ପାରଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ପାରଙ୍କୁ ହାତୀପଲ ପାଦରେ ଦଳି ମାରି ଦେଇଥିବା ଜଣାପଡ଼ିଛି। ଏନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଯୌତୁକ ପାଇଁ ସ୍ତ୍ରୀ ତଣ୍ଟି କାଟିଦେଲେ, ଅଭିଯୁକ୍ତ ସ୍ୱାମୀ ଗିରଫ

**ପଦ୍ମପୁର, ୧୭।୧ (ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବଣିଆ ଗ୍ରାମରେ ମଙ୍ଗଳବାର ସ୍ତ୍ରୀ ତଣ୍ଟି କାଟି ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରିଛି ସାବରଙ୍ଗ ପୋଲିସ। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ଜଗନ୍ନାଥ ଜେନା। ସୂଚନା ଅନୁଯାୟୀ, ସକାଳେ ଜଗନ୍ନାଥ ସ୍ତ୍ରୀ ଗାୟତ୍ରୀଙ୍କୁ ମାଡ଼ ମାରିବା ସହ ଏକ ଛୁରୀରେ ତାଙ୍କ ତଣ୍ଟି କାଟି ଦେଇଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଗାୟତ୍ରୀଙ୍କ ଭାଇ ଗଣେଶ ପ୍ରସାଦ କାଣ୍ଡେଇ ତାଙ୍କ ଭଉଣୀକୁ ଅଧିକ ଯୌତୁକ ଦାବିରେ ଭିଣୋଇ ହତ୍ୟା ଉଦ୍ୟମ କରିଥିବା ସାବରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ.୭/୨୩) ରୁଜୁ କରାଯାଇଛି।

### ତାହେରା ଖାତୁନ ହେଲେ ସଂଖ୍ୟାଲଘୁ ଉପଦେଷ୍ଟା

**ଭଦ୍ରକ ଅଫିସ, ୧୭।୧:** ଯୋଜନା ଓ ସମନ୍ୱୟ ବିଭାଗ ତଥା ଆଦିବାସୀ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗ ବିଜ୍ଞପ୍ତି ଅନୁଯାୟୀ ଭଦ୍ରକ ଜିଲାର ନାରୀନେତ୍ରୀ ତାହେରା ଖାତୁନଙ୍କୁ ସଂଖ୍ୟାଲଘୁ ବିଭାଗ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି। ସେ ପୂର୍ବରୁ ଭଦ୍ରକ ପୌରାଧକ୍ଷା ଥିଲେ। ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିବାରୁ ଭଦ୍ରକର ହାଜି ଅନୱର ହୋସେନ, ଜମିଲ ଅଖତର, ମତଲୁକ ଅଲ୍ଲିଖାନ, ତବାରାକ ଅଲ୍ଲୀ, ବରିଷ୍ଠ ପାରିଷଦ ମହମ୍ମଦ ଜକାଉଲ୍ଲା, ସେକ୍ ଜୁଲଫକର ଅଲ୍ଲୀ, ସେକ୍ କାଲା, ଶିକ୍ଷକ ନେତା ତବରେଜ ଖାନ ପ୍ରମୁଖ ଖାତୁନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



### ସଂସ୍କୃତ ସମ୍ଭାଷଣ ଶିବିର

**ମନ ମୋହିଲା ନାଟକ 'ବୈଦ୍ୟରୋଗୀ ସମ୍ଭାଷଣମ ଓ ମୂର୍ଖବୈଦ୍ୟଂ'**

**ଖଇରା, ୧୭।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟରେ ଚାଲିଥିବା ସଂସ୍କୃତ ସମ୍ଭାଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଅରୁଣ କୁମାର ପାଢୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଡା. ସୁଜିତ କୁମାର ଛାଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷା ସବୁ ଭାଷାର ଜନନୀ ହୋଇଥିବାରୁ ଏହାର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। ଖଇରା ମହାବିଦ୍ୟାଳୟ ବିଭାଗୀୟ ମୁଖ୍ୟ ନିରଞ୍ଜନ ପଣ୍ଡା ବକ୍ତବ୍ୟରେ ସଂସ୍କୃତ ଭାଷା ଆଧାତ୍ମିକ ଶୁଦ୍ଧତା ଆଣିଥାଏ ବୋଲି କହିଥିଲେ। ପ୍ରଶିକ୍ଷକ ଡା. ଅକ୍ଷୟ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାଙ୍କ ଦ୍ୱାରା ପରିବେଷିତ କ୍ଷୁଦ୍ର ନାଟକ 'ବୈଦ୍ୟରୋଗୀ ସମ୍ଭାଷଣମ , ମୂର୍ଖ ବୈଦ୍ୟଂ' କୁ ଉଭୟ ଦର୍ଶକ ଓ ପିଲାମାନେ ମନଭରି ଉପଭୋଗ କରିଥିଲେ। ଗୁରୁମା ଚିନ୍ମୟୀ ପଣ୍ଡା ମାର୍ଗଦର୍ଶନ କରିଥିଲେ। ମୁଖ୍ୟ କିରାଣି ଅକ୍ଷାଂଶୁ ଶେଖର ଦଳାଇ, ସହକାରୀ ସୁଶାନ୍ତ କୁମାର ବିଶ୍ୱାଳ, ରମାକାନ୍ତ ନାଥ, ମହେଶ୍ୱର ସାହୁ, ଛାତ୍ର ଦିପ୍ତେନ୍ଦୁ ପାଣି ଓ ହେମନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମାରାଂବୁରୁ ବଞ୍ଚାଅ ଅଭିଯାନ ଆରମ୍ଭ

## ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ବାରିପଦା ଅଫିସ/ ରାଇରଙ୍ଗପୁର,୧୭।୧(ଡି.ଏନ.ଏ.)**

ଝାଡ଼ଖଣ୍ଡର ଗିରିଡିହି ଜିଲା ପୀରଟାଣ୍ଡ ବ୍ଲକରେ ଅବସ୍ଥିତ ପାରସନାଥ ପର୍ବତକୁ ସାନ୍ତାଳ ଆଦିବାସୀମାନେ ଇଶ୍ୱର ଭାବେ ପୂଜା କରି ଆସୁଛନ୍ତି। ଏହି ପର୍ବତରେ ଆଦିବାସୀମାନଙ୍କର ଜାହେର ଥାନ (ପୂଜାସ୍ଥଳ) ରହିଛି। ଏହାକୁ ଝାଡ଼ଖଣ୍ଡ ସରକାର ଜାନୁଆରୀ ୫ରେ ଭାରତ ସରକାରଙ୍କୁ ପତ୍ର ଲେଖି ଜୈନ ସମାଜକୁ ହସ୍ତାନ୍ତର କରିଛନ୍ତି। ଏହାକୁ ନେଇ ବାରିପଦା ଜୋନାଲ କମିଟିର ସେଙ୍ଗଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯାନର ରାଷ୍ଟ୍ରୀୟ ସଭାପତି ସାଲଖାନ ମୁର୍ମୁଙ୍କ ନେତୃତ୍ୱରେ ଜାନୁଆରୀ ୧୭ରୁ 'ମାରାଂ ବୁରୁ ବଞ୍ଚାଅ ଅଭିଯାନ ଭାରତ ଯାତ୍ରା' ଦେଶର ୫ଟି ପ୍ରଦେଶର ମୁଖ୍ୟାଳୟରେ ଆରମ୍ଭ କରାଯାଇଛି । ବିକ୍ଷୋଭ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ସେଙ୍ଗେଲ ସଭାପତି ନରେନ୍ଦ୍ର ହେମ୍ବ୍ରମ, ବାହାଦୂର ମୁର୍ମୁ, ମାଧବ ଚନ୍ଦ୍ର ମୁର୍ମୁ, ବିକାଶ ହେମ୍ବ୍ରମ, ବାବୁଲୁ ମୁର୍ମୁ, ପାନମଣି ହେମ୍ବ୍ରମ, ବନମାଳି ହାଁସଦାଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।

ସେହିପରି ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ଆଦିବାସୀ ସେଙ୍ଗେଲ ଅଭିଯାନ ସଂଗଠନର ରାଜ୍ୟ ସଭାପତି ନରେନ୍ଦ୍ର ହେମ୍ବ୍ରମ,ରାଇରଙ୍ଗପୁର ଶାଖା ସଂଗଠନର ସଭାପତି କାଲୁରାମ ମୁର୍ମୁ ଏବଂ ମହିଳା ସଭାନେତ୍ରୀ ମାହ୍ଲୀ ହେମ୍ବ୍ରମଙ୍କ ନେତୃତ୍ୱରେ ଶତାଧିକ ମହିଳା ଏବଂ ଯୁବକର୍ମୀଗଣ ସାମିଲ ଥିଲେ ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ହିତାଧିକାରୀ ତାଲିକାରୁ ଯୋଗ୍ୟ ବାଦ୍



ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ବିଡିଓ ବନବିହାରୀ ଦିଣ୍ଡାଙ୍କ ସହ ଆଲୋଚନା କରୁଛନ୍ତି।

**ଧାମନଗର,୧୭।୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକର ୩୧ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ତାଲିକାରେ ବ୍ୟାପକ ଅନିୟମିତତା ସହ ଆକ୍ରୋଶମୂଳକ ଭାବେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। କୋଠାଘର ଥିବା ବ୍ୟକ୍ତି ଯୋଗ୍ୟ ତାଲିକାରେ ଥିବାବେଳେ ଚାଳଘରେ ରହୁଥିବା ବ୍ୟକ୍ତି ବାଦ୍ ପଡ଼ିଥିବା

**ଯାଞ୍ଚ କଲେ ବିଧାୟକ**

ନେଇ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ କ୍ଷୋଭ ପ୍ରକାଶ କରିଛନ୍ତି। ମଙ୍ଗଳବାର ବିଧାୟକ ବ୍ଲକ କାର୍ଯ୍ୟାଳୟକୁ ଆସି ହିତାଧିକାରୀ ତାଲିକା ଯାଞ୍ଚ କରି ଏଥିରେ ଅନିୟମିତତା ହୋଇଛି ବୋଲି ଉପଲବ୍ଧି କରିଥିବା କହିଛନ୍ତି। ବିଡିଓ ବନବିହାରୀ ଦିଣ୍ଡା ବିଧାୟକଙ୍କ ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଆବାସ ଯୋଜନା ହିତାଧିକରୀ ଚୟନ ପ୍ରକ୍ରିୟା ବେଳେ ସେ ଧାମନଗର ବ୍ଲକରେ ନ ଥିଲେ। ଏଣୁ ଏ ସମ୍ପର୍କରେ ସେ କିଛି ଜାଣି ନ ଥିବା ବିଧାୟକଙ୍କୁ କହିଥିଲେ। ଅଯୋଗ୍ୟ ହିତାଧିକାରୀ ଫାଇଦା ନିଅନ୍ତୁ କିନ୍ତୁ ଜଣେ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଲେ ଦୃଢ଼ ବିରୋଧ କରାଯିବ ବୋଲି ବିଧାୟକ କହିଛନ୍ତି।

## 'ଉଚ୍ଚମାନର କ୍ରୀଡ଼ା ପ୍ରଦର୍ଶନ ଲାଗି ନିଷ୍ଠା, ଉଦ୍ୟମ ଆବଶ୍ୟକ'

**ଆରଡ଼ି, ୧୭।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାଳସାହି ପଞ୍ଚାୟତର ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ଶିକ୍ଷାନୁଷ୍ଠାନ ଅଧକ୍ଷ ଦିଲୀପ କୁମାର ମହାନ୍ତି ଅଧକ୍ଷତା କରିବା ସହ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସଭା ପରିଚାଳନା କରିଥିଲେ ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା। ବାବାମଣି ସ୍ନାତକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ନିକୁଞ୍ଜ କିଶୋର ଜେନା ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ତ୍ରିଲୋଚନ ସାହୁ, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଦୀପ୍ତି ରଞ୍ଜନ ନାୟକ, ଅଧ୍ୟାପିକା କନକଲତା ବେହେରା, ଅଧ୍ୟାପକ ଧୀରେନ ପାତ୍ର, ବାବାମଣି ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ପାଠ୍ୟ ଖସଡ଼ା ସହ ସଂଶ୍ଳିଷ୍ଟ। ପ୍ରତିଯୋଗୀମାନେ ଉଚ୍ଚମାନର କ୍ରୀଡ଼ା ପ୍ରଦର୍ଶନ ପାଇଁ ନିଷ୍ଠା ଓ ଉଦ୍ୟମ ଜାରି ରଖିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଅନିଲ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷା କର୍ମଚାରୀ ନିବେଦିକା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟାଙ୍ଗଙ୍କ ଘରୁ ଅଳଙ୍କାର ଚୋରି

**ସୋର, ୧୭।୧(ଡି.ଏନ୍.ଏ.)**

ସୋର ପୌରପାଳିକା ଇଟୁଆ ଗ୍ରାମରେ ରହୁଥିବା ଦୃଷ୍ଟିବାଧିତ ଭଜନ ସନ୍ଧ୍ୟା ଗ୍ରୁପର ଦିବ୍ୟାଙ୍ଗଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ଅଳଙ୍କାର ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ତୁରିଗଡ଼ିଆ ଛତରା ଅଞ୍ଚଳର ସଞ୍ଜୟ କୁମାର ଶଙ୍ଖୁଆ ନାମକ ଜଣେ ଦୃଷ୍ଟିହୀନ ବ୍ୟକ୍ତି ସୋମବାର ବିଳମ୍ବିତ ରାତିରେ ଏକ ଭଜନ ପ୍ରୋଗ୍ରାମ ସାରି ପହଞ୍ଚିବା ପରେ ଘରର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଓ ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସୋର ପୋଲିସ ତଦନ୍ତ କରୁଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ ରିତୁକ



@ ବବିତା



@ ଦିପୁ



@ ବିକାଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ବହି ବ୍ୟବସାୟୀଙ୍କ ପରଲୋକ

**ଜଳେଶ୍ୱର, ୧୭।୧(ଡି.ଏନ୍.ଏ.)**

ଜଳେଶ୍ୱରର ଥାନା ବଜାରସ୍ଥିତ ବହି ଦୋକାନୀ ସୁଶାନ୍ତ ସେନାପତି (୬୨)ଙ୍କ ସୋମବାର ରାତିରେ ପରଲୋକ ହୋଇଛି। ସେ କିଛିଦିନ ଧରି ଫୁସଫୁସ ରୋଗରେ ପୀଡିତ ଥିଲେ । ବାଲେଶ୍ୱର ଜିଲାର ଜଳେଶ୍ୱରସ୍ଥିତ ୧୨ନଂ. ୱାର୍ଡ ନୂଆବଜାରର ବିପ୍ଳବୀ କବି ସ୍ୱର୍ଗତ ବନମାଳୀ ସେନାପତିଙ୍କ ସେ ତୃତୀୟ ପୁତ୍ର। ତାଙ୍କ ମରଶରୀର ନୂଆବଜାର ବାସଗୃହରୁ ଏକ ଶୋଭାଯାତ୍ରରେ ସୁବର୍ଣ୍ଣରେଖା ନଦୀକୂଳ ଶିଖରପୁର ଶ୍ମଶାନରେ ସତ୍କାର କରାଯାଇଛି । ତାଙ୍କର ଏକମାତ୍ର ପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ । ସେ ଜଣେ ମିଷ୍ଟଭାଷୀ, ବନ୍ଧୁବତ୍ସଳ ଓ ସଫଳ ବ୍ୟବସାୟୀ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ।

## ହାତୀ ଭାଙ୍ଗିଲେ ସ୍କୁଲ ପାଚେରି

**ଯୋଡା,୧୭।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଉଦୁଆଁ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇଛି। ସୋମବାର ବିଳମ୍ବିତ ରାତିରେ ୨୪ଟିକିଆ ହାତୀପଲ ଉକ୍ତ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ପାଚେରି ଓ ଶ୍ରେଣୀଗୃହ ଭାଙ୍ଗି ଦେଇଛନ୍ତି। ଏହାସହିତ ବିଦ୍ୟାଳୟରେ ଥିବା ଚାଉଳ ମଧ୍ୟ ଖାଇବା ସହିତ ବେଞ୍ଚ, ଡେସ୍କ, ଟେବୁଲ ଭାଙ୍ଗିରୁଜି ନଷ୍ଟ କରି ଦେଇଛନ୍ତି। ଖବରପାଇ ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା ସ୍କାଡ୍ ସହ ପହଞ୍ଚିଥିଲେ। ଏହି ହାତୀପଲ ସୋମବାର ବାଲିବନ୍ଧ ସେକ୍ସନରୁ ଆସିଥିବା ସେ କହିଛନ୍ତି। ତେବେ ହାତୀ ଉପଦ୍ରବ ନେଇ ଅଞ୍ଚଳର ଯୁଧିଷ୍ଠିର ମହାକୁଡ଼, ନୁନକୁ ଗିରି, ମୋଦି ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି ବନବିଭାଗ ହାତୀମାନଙ୍କ ଉପଦ୍ରବ ନିୟନ୍ତ୍ରଣ କରିବାରେ ଫେଲ୍ ମାରିଛି।



ଭାଙ୍ଗିଯାଇଥିବା ସ୍କୁଲ ପାଚେରି।

## ନାବାଳିକା ବଳାତ୍କାର ମାମଲା

# ଦୋଷୀଙ୍କୁ ୨୦ବର୍ଷ ଜେଲ

**ବାଲେଶ୍ୱର ଅଫିସ, ୧୭।୧**

ନାବାଳିକା ବଳାତ୍କାର ମାମଲାର ବିଚାର କରି ମଙ୍ଗଳବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍‌ଦଣ୍ଡ ଓ ୧୪ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୦ ଜାନୁୟାରୀ ୨୯ତାରିଖରେ ନୀଳଗିରି ଥାନା ଅଞ୍ଚଳର ପୀଡିତା ନାବାଳିକାଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ତାଙ୍କ ମା' ଏ ସମ୍ପର୍କରେ ଖୋଳତାଡ କରିବା ପରେ ସେ ବଳାତ୍କାର ହୋଇଥିବା ଜଣାଇଥିଲେ। ନାବାଳିକାଙ୍କ କହିବା ଅନୁଯାୟୀ, ୩ ମାସ ପୂର୍ବରୁ ଅଭିଯୁକ୍ତ ସନ୍ତୋଷ ସିଂ ତାଙ୍କ ସାଙ୍ଗ ସହିତ ମିଶି ରାତି ସମୟରେ ସ୍ଥାନୀୟ ଏକ ଦୋକାନକୁ ଡାକି ନେଇ ସେଠାରେ ମଦ ପିଆଇଥିଲେ। ପରେ ସନ୍ତୋଷଙ୍କ ସାଙ୍ଗ ପଳାଇଯାଇଥିଲେ। ସନ୍ତୋଷ ନାବାଳିକାଙ୍କୁ ଘରେ ଛାଡ଼ିଦେବାକୁ କହି ବିଲକୁ ଟେକି ନେଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ନାବାଳିକାଙ୍କ ମା' ଗ୍ରାମର ମୁଖିଆମାନଙ୍କୁ ଜଣାଇଥିଲେ। ଏହାର ସମାଧାନ ନିମନ୍ତେ ବୈଠକ ଡକାଯାଇଥିଲା। ହେଲେ ବୈଠକକୁ ସନ୍ତୋଷ ଆସି ନ ଥିଲେ। ଫଳରେ ୨୦୨୦ ଫେବୃୟାରୀ ୬ ତାରିଖରେ ପୀଡିତା ନାବାଳିକା ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ. ୪୭/୨୦) ରୁଜୁ କରାଯାଇ ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାରଧୀନ ଥିଲା। ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଅଭିଯୁକ୍ତ ସନ୍ତୋଷଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ଖାଇରା, ୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ଼ ମାଟିଆଳପଦାସ୍ଥିତ କମଳାଅର୍ଜୁନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ଚିତ୍ତରଞ୍ଜନ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଉପେନ୍ଦ୍ର ପ୍ରସାଦ ରାଉଳ, ମୁଖ୍ୟବକ୍ତା ଭାବେ ଭାରପ୍ରାପ୍ତ ଅଧକ୍ଷା ଜୟନ୍ତୀ ଦାସ, ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ମନ୍ମଥ ପଣ୍ଡା, ଜ୍ୟୋର୍ତିମୟ ପଣ୍ଡା, ଶଙ୍କର୍ଷଣ ଜେନା, ଅମିତ କୁମାର ନାୟକ, ଜୟରାଣୀ ଘଡ଼େଇଙ୍କ ସମେତ ପ୍ରଶିକ୍ଷିକା ଜୟଶ୍ରୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିର ୮ଦିନ ଧରି ଚାଲିବ।

## ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଖେଳାଳି ପଞ୍ଜୀକରଣ

**କେନ୍ଦୁଝର,୧୭।୧(ଡି.ଏନ୍.ଏ.)**

କେନ୍ଦୁଝର ଷ୍ଟାଡିୟମଠାରେ ଆସନ୍ତା ୨୧ ଓ ୨୨ ତାରିଖରେ ଜିଲା କ୍ରୀଡା ସଂସ୍ଥା ପକ୍ଷରୁ ଖେଳାଳି ପଞ୍ଜୀକରଣ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡା. ଜନାର୍ଦ୍ଦନ ଦାଶ ସୂଚନା ଦେଇଛନ୍ତି। ଓଡିଶା କ୍ରିକେଟ ଆସୋସିଏସନ୍ ଦ୍ୱାରା ଆୟୋଜିତ ବରିଷ୍ଠ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ୨୦୨୩-୨୪ ପାଇଁ ପଞ୍ଜୀକରଣ କରିପାରିବେ। ପ୍ରତି କ୍ଲବ ପକ୍ଷରୁ ୧୫ ଜଣ ଖେଳାଳି ପ୍ରତିନିଧିତ୍ୱ କରିପାରିବେ ବୋଲି ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡା.ଦାଶ ପ୍ରକାଶ କରିଛନ୍ତି।

## ଗୋଧୂଳି ପ୍ରିମିୟର ଲିଗ୍ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଚମ୍ପୁଆ,୧୭।୧(ଡି.ଏନ.ଏ)**

ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ଗୋଧୂଳିଠାରେ ୧୨ତମ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧକ୍ଷ ଗିରିଜା ଶଙ୍କର ସାହୁ ବିଜୟୀ ଦଳ ବେଙ୍ଗଲ ଟାଇଗରକୁ ଅର୍ଥରାଶି ସହ ଟ୍ରଫି ଓ ରନର୍ସଅପ କାଉଣ୍ଟର ଆଟାକ୍ ଦଳକୁ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ୮ଟି ଦଳକୁ ନେଇ ୨ ଦିନ ଧରି ଅନୁଷ୍ଠିତ ଅମ୍ପାୟାର ଭାବେ ପ୍ରଭାତ ନାଏକ ଓ ଢୁଗୁନୁ ନାଏକ ଖେଳ ପରିଚାଳନା କରିଥିବା ବେଳେ ଗୋଧୂଳି ଯୁବକ ସଂଘ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

- ଅଂଶଗ୍ରହଣ କଲେ ୧୨ଶହ ପ୍ରତିଯୋଗୀ
- ଟେନିକଏଟ କ୍ରୀଡ଼ା ଉଦ୍‌ଯାପିତ

**ସିମୁଳିଆ,୧୭।୧(ଡି.ଏନ୍.ଏ.)**

ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଖୋ-ଖୋ, ସଫ୍ଟବଲ ଓ ଟେନିକଏଟ ପ୍ରତିଯୋଗିତା ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ରଘୁନାରାୟଣ ଉଚ୍ଚ ବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ହୋଇଛି। ଏଥିରେ ୧୪ ଓ ୧୭ବର୍ଷ ବୟସରୁ କମ୍ ବାଳିକାବାଳକମାନେ ଅଂଶଗ୍ରହଣ କରିଛନ୍ତି। ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଙ୍ଗଠନ ଏବଂ ଜିଲା ବିଦ୍ୟାଳୟ କ୍ରୀଡା ସଙ୍ଗଠନ ବାଲେଶ୍ୱର ଦ୍ୱାରା ଆୟୋଜିତ ଏହି ଉତ୍ସବ ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ସୋମବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ରୂପେ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବିଷ୍ଣୁଚରଣ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭାରପ୍ରାପ୍ତ ଶାରିରୀକ ଶିକ୍ଷା ନୀରିକ୍ଷକ ଆଶୋକ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଶାରୀରିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ରଘୁନାରାୟଣ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରୀଡ଼ା ଉତ୍ସବକୁ ପରିଚାଳନା କରିବା ପାଇଁ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ୨ଶହ ଶାରୀରିକ କ୍ରୀଡା ନିରୀକ୍ଷକ ଯୋଗ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ୧୪ବର୍ଷ ବୟସରୁ କମ୍ ଟେନିକଏଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଏହି ଅବସରରେ ମୁଖ୍ୟଅତିଥି ରୂପେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଶାରିରିକ ସହ କ୍ରୀଡା ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।




ବିଭିନ୍ନ ଜିଲାରୁ କ୍ରୀଡା ଉତ୍ସବରେ ଯୋଗ ଦେଇଥିବା ପ୍ରତିଯୋଗୀ।

## ଗୋଷ୍ଠୀ ସଂଘର୍ଷ: ୧୧୨ ଜଣଙ୍କ ନାଁରେ ମାମଲା

**ଭଣ୍ଡାରିପୋଖରୀ,୧୭।୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ପଞ୍ଚାୟତ ବରାହନୂଆପଡ଼ା ଗ୍ରାମରେ ରାସ୍ତାକାମକୁ ନେଇ ସୋମବାର ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଆକ୍ରମଣରେ ଗୋଲକ ଚନ୍ଦ୍ର ମଲ୍ଲିକ ନାମକ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ଭାଇ ଅକ୍ଷୟ ମଲ୍ଲିକ ମୁଖ୍ୟ ଆକ୍ରମଣକାରୀଙ୍କ ସମେତ ପ୍ରାୟ ୪୦ଜଣଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରୁ ମଧ ତିଳୋତ୍ତମା ନାୟକ ୭୨ଜଣଙ୍କ ନାଁରେ ଏତଲା ଦେଇଛନ୍ତି। ଉଭୟପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ୧୧୨ଜଣଙ୍କ ନାଁରେ ୨ଟି ମାମଲା (ନଂ.୭/୨୩ ଓ ୮/୨୩) ରୁଜୁ କରିଥିବା ବେଳେ ୨ଜଣଙ୍କୁ ଥାନାରେ ଅଟକ ରଖିଛି। ଏପଟେ ଘଟଣା ପରଠାରୁ ଗାଁରେ ତାଟି କବାଟ ପଡ଼ିଥିବାବେଳେ ସାହିକୁ ସାହି ପୋଲିସ ପଇଁତରା ମାରୁଛି। ଖବର ଲେଖାହେବା ସୁଦ୍ଧା ଅଭିଯୁକ୍ତମାନେ ଗିରଫ ହୋଇନାହାନ୍ତି। ପୋଲିସ ସଦଳବଳ ଉକ୍ତ ଗାଁରେ ପହଞ୍ଚି ତଲାସି ଆରମ୍ଭ କରିଛି।

